## ସଂକ୍ଷେପରେ

### ଆଦ୍ୟ ଶୈଶବ ଶିକ୍ଷା, କୁପୋଷଣ କର୍ମଶାଳା

**ଫୁଲବାଣୀ ଅଫିସ, ୨୭।୧୨:** ଫୁଲବାଣୀ ମୃତ୍ତିକା ସଂରକ୍ଷଣ ବିଭାଗ ସମ୍ମିଳନୀ କକ୍ଷରେ ଆଦ୍ୟ ଶୈଶବ ଶିକ୍ଷା ଓ କୁପୋଷଣ ସମ୍ପର୍କୀତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାତୀ ଆନୁକୁଲ୍ୟରେ ଅନୁଷ୍ଠିତ କର୍ମଶାଳାରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବୀରେନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ପୋଷଣ କ୍ଷେତ୍ରରେ ଉନ୍ନତି ଆଣିବାକୁ ହେଲେ ସମାଜର ମୁଖ୍ୟ ୨ଜଣଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ହେଉଛନ୍ତି ମା' ଓ ଶିକ୍ଷକ ବୋଲି କହିଥିଲେ। ସେହିପରି ଅନ୍ୟତମ ଅତିଥି ସନ୍ତୋଷ କୁମାର ରାଉତ ଶିକ୍ଷାର ଗୁରୁତ୍ୱ ବଢ଼ାଇବାକୁ ହେଲେ ଅସମାନତା ଶିକ୍ଷାକୁ ରୋକିବା ନିମନ୍ତେ ଏକ ବଡ଼ ସ୍ୱରର ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ। ଆଧାର ଅନୁଷ୍ଠାନର ଉମାଶଙ୍କର ସାହୁ ବେସରକାରୀ ଅନୁଷ୍ଠାନିକ ଶିକ୍ଷାକୁ ବିରୋଧ କରି ସରକାରୀ ସ୍ତରରେ ଶିକ୍ଷାର ସୁଦୃଢ଼ୀକରଣ ପାଇଁ ଗୁରୁତ୍ୱାରୋପ କରିଥିଲେ। ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା ଶିକ୍ଷକମାନଙ୍କୁ ଦିଆଯାଉଥିବା ଗୁରୁଦାୟିତ୍ୱ ଯଦି ଟିକେ ଏପଟ ସେପଟ ହୋଇଯାଏ, ତେବେ ତାହାର କୁପରିଣାମ ସମାଜର ଏକ ବଡ଼ କ୍ଷତି ଘଟାଇଥାଏ ବୋଲି ଉପସ୍ଥାପନାରେ ଦର୍ଶାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିପୀଡ଼ିତର ରାମଚନ୍ଦ୍ର ଦାସ, ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାତୀ ସମ୍ପାଦକ ଇଂ. ହରିଶଙ୍କର ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଶାନ୍ତ କୁମାର ଶତପଥୀ, ପ୍ରଦୀପ କୁମାର ସ୍ୱାଇଁ, ବୈଦ୍ୟନାଥ ଖଟୁଆ, ବିଶ୍ୱରଞ୍ଜନ କର ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ।

### ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୨୭।୧୨:** ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଗେଟବଜାର ପଞ୍ଚାନନ ନଗରର ଶ୍ରୀକାନ୍ତ ବେହେରା। ମାମଲା ନଂ.୨୬୩/୧୯ରେ ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଧାରା ୧୬୪ ଅନୁସାରେ ଏସଡ଼ିଜେଏମ କୋର୍ଟରେ ମହିଳାଙ୍କ ବୟାନ ରେକର୍ଡ କରାଯାଇଛି। ବ୍ରହ୍ମପୁରରେ ଏକ ଘରୋଇ କେବଲ ସଂସ୍ଥାରେ ସେଲ୍ସମ୍ୟାନ କାମ କରୁଥିବା ଶ୍ରୀକାନ୍ତ ସମ୍ପୃକ୍ତ ମହିଳାଙ୍କୁ କିଛିଦିନ ହେଲା ଏକ ତରଫା ଭଲ ପାଇ ଆସୁଥିଲେ। ଏଥିରେ ବିଫଳ ହେବା ପରେ ତାଙ୍କୁ ସେ ବିଭିନ୍ନ ସମୟରେ ଅଶ୍ଳୀଳ ଇଙ୍ଗିତ କରି ଆସୁଥିଲେ। ଗୁରୁବାର ସକାଳେ ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଶ୍ରୀକାନ୍ତ ଘରେ ପଶି ମହିଳା ଜଣଙ୍କୁ ଟଣାଓଟରା କରିବା ସହ ତାଙ୍କୁ ଅସଦାଚରଣ କରିଥିଲେ। ମହିଳା ଚିତ୍କାର କରିବାରୁ ଶ୍ରୀକାନ୍ତ ତାଙ୍କୁ ଧମକ ଦେଇ ଘରୁ ଦୌଡ଼ି ପଳାଇଥିଲେ। ପରେ ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ ଏକଥା ଜଣାଇ ଟାଉନ ଥାନାରେ ଅଭିଯୋଗ କରିଥିଲେ।



ଗୋପାଳପୁର ବେଳାଭୂମି ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଗୋପାଳପୁର ବେଳାଭୂମି ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ବିମୋହିତ କଲେ ଏମ୍‌ଜେ ୫, ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ

**ବ୍ରହ୍ମପୁର ଅଫିସ,୨୭।୧୨**

ଗୋପାଳପୁର ବେଳାଭୂମି ମହୋତ୍ସବର ଶୁକ୍ରବାର ଥିଲା ଚତୁର୍ଥ ସନ୍ଧ୍ୟା। ଏହି ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ ଗୋପାଳପୁର ବେଳାଭୂମି ମହୋତ୍ସବ ରାଜ୍ୟରେ ୧ ନମ୍ବର ସ୍ଥାନ ଅଧିକାର କରିଛି, ଏହା ଏକ ନିଆରା ପରମ୍ପରା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ଗୋପାଳପୁର ବନ୍ଦର କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ୨ ବର୍ଷ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ ଏହି ଅବସରରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା , ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବ୍ରହ୍ମପୁର ପୂର୍ବତନ ବିଧାୟକ ଶିବଶଙ୍କର ସହାଣୀଙ୍କ ସମେତ ପୂର୍ବତନ ବିଧାୟକ, ପୂର୍ବତନ ବିଡିଏ




ଅଧକ୍ଷ ଅତିଥି ଭାବେ ମଞ୍ଚାସୀନ ଥିଲେ ।

ଚତୁର୍ଥ ସନ୍ଧ୍ୟାରେ ପ୍ରଥମେ ସ୍ଥାନୀୟ କଳାକାରମାନଙ୍କ ପ୍ରଦର୍ଶନ ଥିଲା ବେଶ ଆକର୍ଷଣୀୟ। ଭଞ୍ଜବିହାରର ଭଞ୍ଜକଳା ନିକେତନ ତରଫରୁ ଲୋକନୃତ୍ୟ, ଓଁଶ୍ରୀ ଦକ୍ଷିଣକାଳୀ ଲୋକନୃତ୍ୟ ତରଫରୁ ଚଢ଼େୟା ନୃତ୍ୟ, ଓଡିଶୀ ନୃତ୍ୟାୟନ ତରଫରୁ ଓଡିଶୀ ନୃତ୍ୟ, ବ୍ରହ୍ମପୁର ଜେଡିଟି ଡ୍ୟାନ୍ସ ଏକାଡେମୀ ତରଫରୁ ଆଧୁନିକ ନୃତ୍ୟ, ଛତ୍ରପୁର ଶିଳ୍ପୀ ବିକାଶ କେନ୍ଦ୍ରର କଳାକାରମାନେ ସମ୍ବଲପୁରୀ ନୃତ୍ୟ, ଜୟ ମା' ସନ୍ତୋଷୀ ଅନୁଷ୍ଠାନର କଳାକାରଙ୍କ ଆଧୁନିକ ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ପରେ ଦର୍ଶକଙ୍କ ମଧ୍ୟରେ ରୋମାଞ୍ଚ ଭରିଥିଲେ ଏମଜେ ୫ ଓ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ। ଶୀତୁଆ ରାତିରେ ଏମଜେ୫ଙ୍କ ନୃତ୍ୟ ସହ ତାଳଦେଇ ନାଚିଥିଲେ ଦର୍ଶକ। ସେହିପରି ସୱୟ ପାଢ଼ୀ ସୁମଧୁର ଗୀତ ମାଧ୍ୟମରେ ବାନ୍ଧି ରଖିଥିଲେ। ପରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର କଳାକାରମାନେ ଦେଶାତ୍ମବୋଧ ଭିତ୍ତିକ ନୃତ୍ୟସହ ଅନ୍ୟ ନୃତ୍ୟ ପରିବେଷଣ କରି ଆଖି ଝଲସାଇ ଦେଇଥିଲେ। ମହୋତ୍ସବ ଉପଭୋଗ କରିବା ସହ ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳା, ଆଞ୍ଚଳିକ ହର୍ବଲ ମେଳା ଦେଖିବାକୁ ବେଳାଭୂମିରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା ।



ଉପସ୍ଥିତ ଅତିଥିମାନେ।

# ଏସ୍‌ବିଆଇ ପକ୍ଷରୁ ୟୋନୋ ଆପ୍ ସଚେତନତା



ପଦଯାତ୍ରାରେ ସାମିଲ ହୋଇଥିବା ଅତିଥି ଓ ଏସବିଆଇ କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୨୭।୧୨**

ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ(ଏସବିଆଇ) ବ୍ରହ୍ମପୁର ଆଞ୍ଚଳିକ ଶାଖା-୨ ପକ୍ଷରୁ ଶୁକ୍ରବାର ଗୋପାଳପୁରଠାରେ ୟୋନୋ ଆପ ସଚେତନତା ପଦଯାତ୍ରା ହୋଇଯାଇଛି। ଏହି ଶୋଭାଯାତ୍ରାକୁ ଡିଜିଟାଲ ଟ୍ରାନ୍ସଫର୍ମେସନ ଓ ଇ-କମର୍ସର ସିଜିଏମ ସନି ଜର୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଡିଜିଟାଲ ବ୍ୟାଙ୍କର ଡିଜିଏମ ମନଜିତ ପଲ୍, ଡିଜିଟାଲ ଏଣ୍ଡ ଟ୍ରାନ୍ସସେକ୍ସନ ବ୍ୟାଙ୍କିଂ ୟୁନିଟର ଡିଜିଏମ ମୁକୁଲ କୁମାର ସକସେନା, ଏଜିଏମ ରାଜୀବ ଦତ୍ତ, ଭୁବନେଶ୍ୱର ଡିଜିଏମ ଏସ.ଏସ. ବୈରାଗୀ, ବ୍ରହ୍ମପୁର ଶାଖା-୨ର ଆଞ୍ଚଳିକ ପ୍ରବନ୍ଧକ ହରିହର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବ୍ୟାଙ୍କକୁ ନ ଯାଇ ୟୋନୋ ଆପ ଜରିଆରେ ଗ୍ରାହକମାନେ ବ୍ୟାଙ୍କିଂ, ଇନଭେଷ୍ଟମେଣ୍ଟ, ଜୀବନଚର୍ଯ୍ୟା ସମେତ ବିଭିନ୍ନ ପ୍ରକାର ଲୋନ ସୁବିଧା ପାଇପାରିବେ ବୋଲି ମୁଖ୍ୟଅତିଥି ସୂଚାଇଥିଲେ । ଶୋଭାଯାତ୍ରାରେ ବିଭିନ୍ନ ଶାଖାର ପ୍ରାୟ ୧୨୦ କର୍ମକର୍ତ୍ତା ସାମିଲ ହୋଇ ୟୋନୋ ଆପ ସମ୍ପର୍କରେ ସଚେତନ କରାଇଥିଲେ ।


ଟ୍ରେନ୍ ନଂ.18117/18118
ରାଉରକେଲା-ଗୁଣୁପୁର-ରାଉରକେଲା
ରାଜ୍ୟରାଣୀ ଏକ୍ସପ୍ରେସ୍‌ର
ଚଳାଚଳ ଦିବସରେ ବୃଦ୍ଧି

ଟ୍ରେନ୍ ନଂ.18117/18118 ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ତା.28.12.2019ରିଖ ଠାରୁ ରାଉରକେଲାରୁ ଏବଂ ତା.29.12.2019ରିଖ ଠାରୁ ଗୁଣୁପୁରରୁ ଚଳାଚଳ ଦିବସ ସପ୍ତାହରେ 06 ଦିନ ପରିବର୍ତ୍ତେ ସବୁଦିନ ଚଳାଚଳ କରିବା ନିମନ୍ତେ ନିମ୍ନ ଅନୁଯାୟୀ ନିଷ୍ପତ୍ତି ଗ୍ରହଣ କରାଯାଇଛି :

| ଟ୍ରେନ୍ ନଂ. | ବର୍ତ୍ତମାନ ଚଳାଚଳ କରୁଥିବା ଦିନ | ସଂଶୋଧିତ ଚଳାଚଳ କରିବା ଦିନ | ପ୍ରାରମ୍ଭିକ ଷ୍ଟେସନରୁ ଯାତ୍ରା ଆରମ୍ଭ |
|---|---|---|---|
| 18117 ରାଉରକେଲା-ଗୁଣୁପୁର ଏକ୍ସପ୍ରେସ୍ | ଶନିବାରକୁ ଛାଡ଼ି 06 ଦିନ | ପ୍ରତିଦିନ | 28.12.2019 |
| 18118 ଗୁଣୁପୁର-ରାଉରକେଲା ଏକ୍ସପ୍ରେସ୍ | ରବିବାରକୁ ଛାଡ଼ି 06 ଦିନ | ପ୍ରତିଦିନ | 29.12.2019 |

ପୂର୍ବ ତଟ ରେଳପଥ
PR-612/K/19-20


# ଶିଳ୍ପାଞ୍ଚଳ ବିଦ୍ୟୁତ୍ ସମସ୍ୟା ନେଇ ସ୍ମାରକପତ୍ର ପ୍ରଦାନ

**ବ୍ରହ୍ମପୁର ଅଫିସ,୨୭।୧୨**

ବ୍ରହ୍ମପୁର ଆଙ୍କୁଲି ଶିଳ୍ପାଞ୍ଚଳରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ହୋଇଛି। ଏହାର ସ୍ଥାୟୀ ସମାଧାନ ଲାଗି ବହୁବାର ଦାବି ସତ୍ତ୍ୱେ ବିଦ୍ୟୁତ ପରିବର୍ତ୍ତନ ସଂସ୍ଥା ସାଉଥକୋ ପକ୍ଷରୁ ଅଣଦେଖା କରାଯାଇଛି। ଶିଳ୍ପାଞ୍ଚଳରେ ଅନେକ ଶିଳ୍ପାନୁଷ୍ଠାନ, ଖବରକାଗଜ ପ୍ରେସ ଓ କାର୍ଯ୍ୟାଳୟ ଏବଂ ଆଧୁନିକ ପ୍ରିଣ୍ଟିଂ ପ୍ରେସ ଆଦି ରହିଛି। ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସମସ୍ତେ ହଇରାଣ ହେଉଛନ୍ତି। ସେହିପରି ଲୋଭୋଲଟେଜ୍ ସମସ୍ୟା ମଧ୍ୟ ରହିଛି ବୋଲି ଓଡ଼ିଶା ୟଙ୍ଗ୍ ଇଣ୍ଟରପ୍ରିନର୍ସ ଆସୋସିଏସଶନ ବ୍ରହ୍ମପୁର ଶାଖା ପକ୍ଷରୁ ଅଭିଯୋଗ ହୋଇଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଶିଳ୍ପାଞ୍ଚଳରେ ସ୍ୱତନ୍ତ୍ର ଫିଡର ଦ୍ୱାରା ବିଦ୍ୟୁତ୍ ଯୋଗାଣ ନିମନ୍ତେ ଆସୋସିଏଶନ ଦାବି କରିଛି। ସିଟି ସର୍କଲ ଏସଇଙ୍କୁ ଏହି ମର୍ମରେ ସ୍ମାରକପତ୍ର ଦିଆଯାଇଛି। ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଶିଳ୍ପ ସଂସ୍ଥା ଓ ଘରୋଇ ଉପଭୋକ୍ତା ମେଳି ବାନ୍ଧି ସ୍ୱର ଉତ୍ତୋଳନ କରିବେ ବୋଲି ଚେତାବନୀ ଦିଆଯାଇଛି।

କେବଳ ଶିଳ୍ପାଞ୍ଚଳ ନୁହେଁ ରେଶମ ନଗରୀର ଅଧିକାଂଶ ଅଞ୍ଚଳରେ ବିଦ୍ୟୁତ ବିଭ୍ରାଟ ଓ ଲୋ-ଭୋଲଟେଜ୍ ସମସ୍ୟା ଲାଗି ରହିଛି । ଗୋଷାଣି ନୂଆଗାଁ ଅଞ୍ଚଳର ସବୁ ୱାର୍ଡରେ ପ୍ରତିଦିନ ବିଦ୍ୟୁତ ବିଭ୍ରାଟ ହେଉଛି। ପୁରୁଣା ଟ୍ରାନ୍ସଫର୍ମର ଗୁଡ଼ିକ ଠିକ ଭାବେ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ସମସ୍ୟା ବଢ଼ି ଚାଲିଥିବା ବିଭିନ୍ନ ମହଲରୁ ଅଭିଯୋଗ କରାଯାଇଛି । ଡାଇମଣ୍ଡ ଟାଉନ ହଲ ସାମ୍ନା ସାହିରେ ବିଦ୍ୟୁତ ଖୁଣ୍ଟ ବିପଦସଂକୁଳ ଅବସ୍ଥାରେ ଅଛି । ଅଞ୍ଚଳବାସୀଙ୍କ ଦାବି ପରେ ଗତ ମାର୍ଚ୍ଚ ମାସରୁ ନୂଆ ଖୁଣ୍ଟ ଆସିଥିଲେ ମଧ୍ୟ ତାହା ସ୍ଥାପନ କରାଯାଇନି । ତେବେ ଖୁବଶୀଘ୍ର ନୂଆଖୁଣ୍ଟ ସ୍ଥାପନ ହେବ ବୋଲି ଯୋଗାଯୋଗ ବେଳେ ସାଉଥ-କୋ ପକ୍ଷରୁ ସୂଚନା ଦିଆଯାଇଛି।

## ହୋମିଓପାଥି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସ୍ୱର୍ଣ୍ଣଜୟନ୍ତୀ ଉତ୍ସବ ଉଦ୍‌ଯାପିତ

# ସେବା ମନୋବୃତ୍ତି ରଖି ଦାୟିତ୍ୱ ସମ୍ପାଦନ କରିବାକୁ ଆହ୍ୱାନ

**ବ୍ରହ୍ମପୁର ଅଫିସ,୨୭।୧୨**

ଭାରତର ଚିକିତ୍ସାଶାସ୍ତ୍ର ୪ ହଜାର ବର୍ଷ ପୁରୁଣା । ବର୍ତ୍ତମାନର ଚିକିତ୍ସା ବ୍ୟବସ୍ଥାରେ ବହୁ ପରିବର୍ତ୍ତନ ହୋଇଛି । ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଉନ୍ନତ ଚିକିତ୍ସା ବ୍ୟବସ୍ଥା, ଉନ୍ନତମାନର ଔଷଧ ପ୍ରସ୍ତୁତ ହୋଇପାରୁଛି । ସେଥିମଧ୍ୟରେ ହୋମିଓପାଥି ଚିକିତ୍ସା ଅନ୍ୟତମ ବୋଲି ବିଜୁ ପଟ୍ଟନାୟକ ହୋମିଓପାଥି ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସ୍ୱର୍ଣ୍ଣଜୟନ୍ତୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ବିଷ୍ଣୁଚରଣ ଚୌଧୁରୀ କହିଛନ୍ତି । ଡାକ୍ତର ହେଉଛନ୍ତି ଭଗବାନଙ୍କ ସଦୃଶ୍ୟ । ଡାକ୍ତରଙ୍କ କ୍ଷେତ୍ରରେ ସେବା କରିବାର ଯଥେଷ୍ଟ ସୁଯୋଗ ରହିଛି । ତେଣୁ ଏହି ସୁଯୋଗର ସଦୁପଯୋଗ କରିବା ଓ ସେବା ମନୋବୃତ୍ତି




ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

ରଖି ନିଜ ଦାୟିତ୍ୱ ସମ୍ପାଦନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଶୁକ୍ରବାର ଉଦଯାପନୀ କାର୍ଯ୍ୟକ୍ରମରେ ଏମକେସିଜି ମେଡିକାଲ କଲେଜର ଅବସରପ୍ରାପ୍ତ ଭେଷଜ ବିଭାଗ ପ୍ରଫେସର ଡା. ପି.ସି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପୂର୍ବତନ ପ୍ରଫେସର ଡ. ବିଷ୍ଣୁଚରଣ ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏମକେସିଜିର ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ ଡା. ଚରଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସ୍ୱର୍ଣ୍ଣଜୟନ୍ତୀ ଉତ୍ସବର କମିଟିର ଅଧକ୍ଷ ପ୍ରଫେସର ଡା. ନିରଞ୍ଜନ ମହାନ୍ତି ରାଜ୍ୟ ତଥା ଦେଶରେ ହୋମିଓପାଥି ଚିକିତ୍ସାର ବିକାଶ, ସ୍ଥିତି ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ହୋମିଓପାଥି କଲେଜ ଅଧକ୍ଷ ପ୍ରଫେସର ଡା. ବିଜୟଲକ୍ଷ୍ମୀ ବିଷୋୟୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସମ୍ପାଦକ ଡା. ଇନ୍ଦୁଭୂଷଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ହୋମିଓପାଥି ମେଡିସିନ ଇତିହାସରେ ଡା. ହ୍ୟାନିମାନ୍‌ଙ୍କ ଭୂମିକା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ୱର୍ଣ୍ଣଜୟନ୍ତୀର ସ୍ମରଣିକା ଉନ୍ମୋଚିତ ହୋଇଥିଲା। କଲେଜର ଛାତ୍ରୀଛାତ୍ର, ସ୍ୱର୍ଣ୍ଣଜୟନ୍ତୀ ପରିଚାଳନା କମିଟିର କର୍ମକର୍ତ୍ତା ସହଯୋଗ କରିଥିଲେ ।




## ସଂକ୍ଷେପରେ

### ଶ୍ରୀଲଙ୍କାରେ ହାତୀ ଆକ୍ରମଣ, ଓଡ଼ିଆ ଶ୍ରମିକ ଗୁରୁତର

ପାତ୍ରପୁର,୨୭।୧୨(ଡି.ଏନ୍.ଏ.): ଶ୍ରୀଲଙ୍କାରେ ହାତୀ ଆକ୍ରମଣରେ ଜଣେ ଓଡ଼ିଆ ଶ୍ରମିକ ଗୁରୁତର ହୋଇଛନ୍ତି। ସେ ହେଲେ ପାତ୍ରପୁର ବ୍ଲକ ଜରଡ଼ା ଗ୍ରାମର ତୁଳସେୟା ରେଡ୍ଡୀ। ତୁଳସେୟା କିଛି ବର୍ଷ ହେଲା ଶ୍ରୀଲଙ୍କାର ଏକ କମ୍ପାନୀରେ କାମ କରୁଥିଲେ। ନୂଆ ବର୍ଷକୁ ସେ ଗାଁକୁ ଆସିବାକୁ ସ୍ଥିର କରିଥିଲେ। ଗତ ଦୁଇ ଦିନ ତଳେ ତୁଳସେୟାଙ୍କ ସମେତ ୩ ସାଙ୍ଗ ମିଶି କୋଣସି କାମରେ ଶ୍ରୀଲଙ୍କାର ଏକ ବଜାରକୁ ଯାଇ ଫେରୁଥିବା ବେଳେ ହାତୀ ହାବୁଡ଼ାରେ ପଡ଼ିଥିଲେ। ଦୁଇ ସାଙ୍ଗ ସେଠାରୁ ଦୌଡ଼ି ପଳାଇଥିଲେ, କିନ୍ତୁ ତୁଳସେୟାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଶ୍ରୀଲଙ୍କା ମେଡ଼ିକାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

### ବରିଷ୍ଠ ଯୁବନେତାଙ୍କ ବିୟୋଗ

ସୋରଡ଼ା,୨୭।୧୨(ଡି.ଏନ.ଏ.): ସୋରଡା ଅଞ୍ଚଳର ଯୁବନେତା କବିରାଜ ସ୍ୱାଇଁଙ୍କ ୫୦ବର୍ଷରେ ଗୁରୁବାର ଅପରାହ୍ନରେ ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ହୃଦ୍‌ରୋଗରେ ପୀଡିତ ଥାଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ସେ ଲାଠିପଡ଼ାରର ପୂର୍ବତନ ସରପଞ୍ଚ ମଧ ଥିଲେ। ପୂର୍ବରୁ ସେ କଂଗ୍ରେସର ବ୍ଲକ ସଭାପତି ଦାୟିତ୍ୱରେ ଥିବାବେଳେ ଚଳିତ ନିର୍ବାଚନରେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତଦେହ ସୋରଡାରେ ପହଞ୍ଚିବା ପରେ ବିଭିନ୍ନ ଗ୍ରାମରୁ ଜନସାଧାରଣ ପହଞ୍ଚିଥିଲେ। ଭାଜପା ନେତା ନୀଳମଣି ବିଷୋୟୀ, ଭଗବାନ ପଣ୍ଡା, ଜଗଦିଶ ରାଜୁ, ପ୍ରଦିପ ଶେଖର ପାଳ, ବନମାଳୀ ସ୍ୱାଇଁଙ୍କ ସମେତ ଭାଜପା ସମର୍ଥକ ତାଙ୍କ ଅନ୍ତିମ ଦର୍ଶନ କରିଥିଲେ।

### ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ଶଙ୍କରାଖୋଲ,୨୭।୧୨(ଡି.ଏନ୍.ଏ.): ଚକାପାଦ ବ୍ଲକ ଶଙ୍କରାଖୋଲ ଆଞ୍ଚଳିକ ମାଧମିକ ବିଦ୍ୟାଳୟ ପରିସରରେ ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୁଲ୍ୟରେ ଶୁକ୍ରବାର ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଅଧକ୍ଷ ଡ. ସନ୍ତୋଷ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଭବାନୀ ଶଙ୍କର ଦାସ, ଆୟୁଷ ଡାକ୍ତର ଗୋରାଚାନ୍ଦ ସିଂ, ବିପିଏମ୍ ହର ଗୋବିନ୍ଦ ଜାନୀ, ମ୍ୟାଲେରିଆ ସୁପରଭାଇଜର ନୀଳମଣି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ତମାଖୁ ସେବନ ନିୟନ୍ତ୍ରଣ ଉପରେ ଏକ ପରୀକ୍ଷା ହୋଇଥିଲା। ଏଥିରେ ଦୀପ୍ତିରାଣୀ ପ୍ରଧାନ ପ୍ରଥମ ସ୍ଥାନ, ବିଷ୍ଣୁ ପ୍ରିୟା ପ୍ରଧାନ ଦ୍ୱିତୀୟ ଓ ଓମ୍‌କାର ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଛାତ୍ରୀଛାତ୍ରମାନଙ୍କୁ ୭୦୦, ୫୦୦ ଓ ୩୦୦ ଟଙ୍କା ପୁରସ୍କାର ଦିଆଯାଇଥିଲା।

## ରେଶମ ସହର: ବିପଦ ବଢ଼ାଉଛନ୍ତି ଯୁବପିଢ଼ି

# ଚଳାଉଛନ୍ତି ଉଚ୍ଚ ଶବ୍ଦକାରୀ ବାଇକ୍

ବ୍ରହ୍ମପୁର ଅଫିସ,୨୭।୧୨

ରେଶମ ସହରର ଏବେ ଦିନକୁ ଦିନ ଯୁବପିଢ଼ି ବାଇକ୍ ଚାଳକମାନେ ବିପଦ ବଢ଼ାଉଛନ୍ତି। ସେମାନଙ୍କ ହାତରେ ରହୁଛି ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଦାମୀ ବାଇକ୍। ନୂଆ ଟ୍ରାଫିକ ନିୟମ ଲାଗୁ ପରେ ମଧ ପୋଲିସକୁ ଖାତିର ନ କରି ସେମାନେ ସହରରେ ଏହି ବାଇକ୍ ଧରି ବୁଲୁଛନ୍ତି। କମ ବୟସର ପିଲା (୧୮ ବର୍ଷରୁ କମ) ହାତରେ ଅଭିଭାବକ ଧରାଇ ଦେଉଛନ୍ତି ବାଇକ୍ ଓ ରେସିଂ ଗାଡ଼ି। ଏମାନଙ୍କ ମଧ୍ୟରୁ ଅଧିକାଂଶ କଲେଜ ଛାତ୍ର। ଦ୍ରୁତ ଗାଡ଼ି ଚାଳନା ଉପରେ ସେମାନଙ୍କ ନିୟନ୍ତ୍ରଣ ରହୁନାହିଁ । ଦେଖାଦେଉଛି ରେସିଂ ପ୍ରତିଯୋଗିତା। ଏମାନଙ୍କ ଉପରେ ଅଙ୍କୁଶ ଲଗାଇବାକୁ କାହା ପାଖରେ ସମୟ ନାହିଁ । ବିଗତ ବର୍ଷ ସହରରେ ଜଣେ ସ୍କୁଲ ଛାତ୍ରୀଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ପରେ ଚେଇଁ ଉଠିଥିଲା ଜିଲା ଓ ପୋଲିସ ପ୍ରଶାସନ । ବସିଥିଲା ବୈଠକ। ବିଶେଷକରି ୧୮ ବର୍ଷରୁ କମ ପିଲାମାନେ ବାଇକ୍ ଯେମିତି ନ ଚଳାଇବେ ଏହା ଉପରେ କଟକଣା ଜାରି ହୋଇଛି। ଏପରିକି ବାଇକ୍‌ରେ କଲେଜ ଆସୁଥିବା ଛାତ୍ରୀଛାତ୍ରଙ୍କ ଲାଇସେନ୍ସ ନିୟମିତ ଯାଞ୍ଚ, ଛାତ୍ରୀଛାତ୍ରଙ୍କୁ ଟ୍ରାଫିକ ନିୟମ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତି ସ୍କୁଲ ଓ ଜୁନିୟର କଲେଜରେ ଟ୍ରାଫିକ ସଚେତନତା କ୍ଲବ ତିଆରି କରିବା ଦିଗରେ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ନିୟମ କାର୍ଯ୍ୟକାରୀ ହେଉନାହିଁ। ଆଶ୍ଚର୍ଯ୍ୟଜନକ ଭାବେ ଅଧିକାଂଶ ସ୍କୁଲକୁ ଛାତ୍ରୀଛାତ୍ର ସ୍କୁଟି, ବାଇକ୍ ନେଇ ଯାଉଛନ୍ତ। ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏହି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ରହିଛି ।

**ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଇକ୍ କ'ଣ**

*ଯୁବପିଢ଼ିଙ୍କ ହାତରେ ରହୁଛି ଏବେ ଦାମୀ ରେସିଂ ବାଇକ୍ । ବାଇକ୍‌ଟି କ୍ରୟ ପରେ ସେଥିରେ ଖଞ୍ଜା ଯାଇଥିବା ସାଇଲେନ୍ସର ବାହାର କରାଯାଇ ଉଚ୍ଚ ଶବ୍ଦ ସୃଷ୍ଟି ପାଇଁ ଏକ ସାଇଲେନ୍ସର ଲଗାଯାଉଛି। ବାଇକ୍ ରାସ୍ତାରେ ଗଡ଼ିଲା ବେଳେ ଉଚ୍ଚ ଶବ୍ଦ ସୃଷ୍ଟି କରିବା ସହ ଯାତାୟାତ କରୁଥିବା ଅନ୍ୟ ଚାଳକମାନେ ବାଇକ୍‌ଟିକୁ ରାସ୍ତା ଛାଡ଼ି ଦେଇଥାନ୍ତି। ଯାହାକି ଶବ୍ଦ ପ୍ରଦୂଷଣ ସହ ରାସ୍ତାରେ ଯାଉଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ବୋଲି ପରିବେଶବିତମାନେ ମତ ଦେଇଛନ୍ତି।*



"ମାତ୍ରାଧିକ ଶବ୍ଦ କରି ଗାଡ଼ି ଚଳାଉଥିବା ଚାଳକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଗତ ୨ ମାସ ମଧ୍ୟରେ ବହୁ ବାଇକ୍ ଚାଳକଙ୍କୁ ୮୦ ଡେସିବଲରୁ ଅଧିକ ଶବ୍ଦ ପ୍ରସ୍ତୁତ କରୁଥିବା ସାଇଲେନ୍ସରଗୁଡ଼ିକୁ ଟ୍ରାଫିକ ପୋଲିସ ବାହାର କରି ଦେଇଛି। ଏପରିକି ସେମାନଙ୍କ ନିକଟରୁ ଜରିମାନା ଆଦାୟ ମଧ କରାଯାଉଛି।

-ସାର୍ଥକ ରାୟ, ଟ୍ରାଫିକ୍ ଡିଏସ୍‌ପି



"ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର କମାଇବା ପାଇଁ ସୁପ୍ରିମକୋର୍ଟ କିଛି ମାସ ତଳେ ନୂତନ ଟ୍ରାଫିକ ଆଇନ ଲାଗୁ କରିଛନ୍ତି। ଏପରିକି ମୋଟର ଭେଇକଲ ଆକ୍ଟ ୧୯୮୮ ରେ ୧୯୨ ସେକ୍ସନ ଅନୁଯାୟୀ ମାତ୍ରାଧିକ ଶବ୍ଦ କରି ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ରାଇଡର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏମିତିକି ମଲ୍‌ଟି ଟୋନ୍ ହର୍ଣ୍ଣ ପାଇଁ ମଧ କଟକଣା ରହିଛି । ନିୟମର ଖିଲାପକାରୀଙ୍କଠାରୁ ପ୍ରାୟ ୧୦ ହଜାର ଟଙ୍କା ଯାଏ ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଆବଶ୍ୟକ ପଡ଼ିଲେ ସେମାନଙ୍କ ବାଇକ୍ ରେଜିଷ୍ଟ୍ରେସନ ରଦ୍ଦ କରାଯିବା ସହିତ ଏକ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡବିଧାନ କରାଯିବ।

-ସଞ୍ଜୟ ବିଶ୍ୱାଳ, ଆରଟିଓ ଗଞ୍ଜାମ



"ନାବାଳକ ଛାତ୍ରୀଛାତ୍ରମାନଙ୍କୁ ଗାଡ଼ି ନ ଚଳାଇବା ପାଇଁ ଆଇନ ରହିଛି। ଏପରିକି ସୁପ୍ରିମକୋର୍ଟ ମଧ ସେମାନେ ଗାଡ଼ି ନ ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ଛାତ୍ରୀଛାତ୍ର (ନାବାଳକ) ଗାଡ଼ି ଚଳାଇ ଦୁର୍ଘଟଣାଗ୍ରସ୍ତ ହୁଅନ୍ତି କିମ୍ବା ପୋଲିସ ଚେକିଂ ବେଳେ ଧରା ପଡ଼ନ୍ତି ତେବେ ସେମାନଙ୍କ ଅଭିଭାବକଙ୍କୁ ଏଥିପାଇଁ ଦାୟୀ କରାଯିବାକୁ ମଧ ନିର୍ଦ୍ଦେଶ ରହିଛି ।

- ସୁନୀଲ କୁମାର ସ୍ୱାଇଁ, ଆଇନଜୀବୀ

## ବାଲ୍ୟ ବିବାହ ବନ୍ଦ ନେଇ ବୈଠକ

ଫୁଲବାଣୀ ଅଫିସ, ୨୭।୧୨

ବାଲିଗୁଡ଼ାସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ବାଲ୍ୟ ବିବାହ ବନ୍ଦ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଅଧକ୍ଷତା କରିଥିଲେ। ବାଲ୍ୟ ବିବାହକୁ ପ୍ରତିହତ କରିବା ପାଇଁ କୂଳ ସମାଜ ମୁଖ୍ୟମାନେ ଏହାକୁ ଏକ ଆନ୍ଦୋଳନରେ ପରିଣତ କରିବାକୁ ଅତରିକ୍ତ ଜିଲାପାଳ ଆହ୍ୱାନ ଦେଇଥିଲେ। ବାଲିଗୁଡ଼ା ଉପଜିଲାପାଳ ରଞ୍ଜିତ କୁମାର ରଣଜିତ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଅଶୋକ କୁମାର ବେହେରା, ଜିଲା ସମାଜ ମଙ୍ଗଳ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଏସ୍. ଗାୟତ୍ରୀ ପ୍ରମୁଖ ଯୋଗଦେଇ ଜାତି–କୂଳ ସମାଜର ନିୟମରେ ଆବଶ୍ୟକ ସଂଶୋଧନ କରି, ବାଲ୍ୟ ବିବାହ ବନ୍ଦକୁ ଗୁରୁତ୍ୱ ଦେବା ସହ ଶିକ୍ଷାକୁ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ସ୍ୱାତୀ ତନ୍ମୟା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ

# ଏସ୍‌ସି,ଏସ୍‌ଟି ନିର୍ଯାତନା ମାମଲାର ତଦନ୍ତ ସରୁନି



ବୈଠକରେ ଉପସ୍ଥିତ ଏମପି, ବିଧାୟିକା ଜିଲାପାଳ ଓ ଅନ୍ୟମାନେ ।

ଛତ୍ରପୁର,୨୭।୧୨(ଡି.ଏନ.ଏ)

ଗଞ୍ଜାମ ଜିଲା ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ ଶୁକ୍ରବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୦୧୪ରୁ ଏ ପର୍ଯ୍ୟନ୍ତ ୬ ବର୍ଷ ମଧ୍ୟରେ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲା ଅଧୀନ ବିଭିନ୍ନ ଥାନାରେ ମୋଟ ୪୨୦ଟି ଏସ୍‌ସି,ଏସ୍‌ଟି ନିର୍ଯାତନା ମାମଲା ରୁଜୁ ହୋଇଥିଲା। ସେଥିମଧ୍ୟରୁ ୭୪ଟି ମାମଲାର ତଦନ୍ତ ବାକି ରହିଛି। ଏ ଗୁଡିକର ତଦନ୍ତ ସାରିବାକୁ ବୈଠକରେ ଉପସ୍ଥିତ ବ୍ରହ୍ମପୁର ଓ ଗଞ୍ଜାମ ଏସ୍‌ପିଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ କେତେକ ମାମଲାରେ କୋର୍ଟରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହେଉଛନ୍ତି। ଏହାଉପରେ ସରକାରୀ ଓକିଲ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କୁହାଯାଇଛି। ଭଞ୍ଜନଗର ସବଡିଭିଜନର ଭଞ୍ଜନଗର, ଜଗନ୍ନାଥପ୍ରସାଦ ଓ ବେଲଗୁଣ୍ଠା ଅଞ୍ଚଳରେ ଉକ୍ତ ଆଇନ୍ ସମ୍ପର୍କରେ ସଚେତନ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ।

ଦୁଇ ପୋଲିସ ଜିଲାରେ ଗତ ୬ ବର୍ଷ ମଧ୍ୟରେ ରୁଜୁ ହୋଇଥିବା ମୋଟ ୪୨୦ ଏସ୍‌ସି, ଏସ୍‌ଟି ନିର୍ଯାତନା ମାମଲା ମଧ୍ୟରୁ ୨୬୯ଟିରେ ପୋଲିସ ପକ୍ଷରୁ କୋର୍ଟରେ ଚାର୍ଜଶିଟ୍ ଦାଖଲ ହୋଇଥିବା ବେଳେ ୫୧ ମାମଲା ତଦନ୍ତ ବେଳେ ମିଥ୍ୟା ବୋଲି ଜଣାପଡିଥିଲା। ଅନ୍ୟପକ୍ଷରେ ମିଳିଥିବା ସୂଚନା ଅନୁସାରେ ଗଞ୍ଜାମ ପୋଲିସ ଜିଲାରେ ୨୦୧୮ ମସିହାର ୨୭ଟି ଓ ୨୦୧୯ର ୩୭ଟି ମାମଲାର ତଦନ୍ତ ପଡ଼ି ରହିଛି। ସେହିପରି ବ୍ରହ୍ମପୁର ପୋଲିସ ଜିଲାରେ ୨୦୧୭ ର ଗୋଟିଏ , ୨୦୧୮ର ଗୋଟିଏ ଏବଂ ୨୦୧୯ ମସିହାରେ ଏ ପର୍ଯ୍ୟନ୍ତ ୯ଟି ମାମଲାର ତଦନ୍ତ ନ ହୋଇ ପଡିରହିଛି। ଜିଲାର ବିଭିନ୍ନ କୋର୍ଟରେ ୨୪୩ଟି ଏସ୍‌ସି ଓ ଏସଟିନିର୍ଯାତନା ସମ୍ବନ୍ଧୀୟ ମାମଲା ବିଚାରାଧୀନ ଅଛି। ଏସ୍‌ସି ଓ ଏସ୍‌ଟିଙ୍କ ଉପରେ ହୋଇଥିବା ନିର୍ଯାତନା ମାମଲାରେ ୨୦୧୫ରେ ୩ ଜଣ, ୨୦୧୬ରେ ୧୫ ଜଣ, ୨୦୧୭ରେ ୧୨ଜଣ, ୨୦୧୮ରେ ୯ ଜଣ ଏବଂ ୨୦୧୯ରେ ୨୯ ଜଣ ନିର୍ଯାତିତଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ଇଣ୍ଟରକାଷ୍ଟ ବିବାହ କରିଥିବା ୨୪ ଦମ୍ପତିଙ୍କୁ ଚଳିତବର୍ଷ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା। ଏଥିସହ ବୈଠକରେ ସଂଖ୍ୟାଲଘୁଙ୍କ ବିକାଶ ପାଇଁ ଥିବା ପ୍ରଧାନମନ୍ତ୍ରୀଙ୍କ ୧୫ ସୂତ୍ରୀ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା। ଗୋପାଳପୁର ନିକଟରେ ୧୦୦ ଶଯ୍ୟା ବିଶିଷ୍ଟ ସଂଖ୍ୟାଲଘୁ ହଷ୍ଟେଲ ୧ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ। ଏହି କାମ ଆରମ୍ଭ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆସିକା ଏମ୍‌ପି ପ୍ରମିଳା ବିଶୋୟୀ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଡୁଡା ପିଡି ସୁଦାମ ଚରଣ ମଣ୍ଡଳ, ଜିଲା ମଙ୍ଗଳ ଅଧିକାରୀ ପରିକ୍ଷୀତ ଦାଶ, ଭଞ୍ଜନଗର କୋର୍ଟ ସ୍ପେଶାଲ ପିପି ଏମ୍. ତାଜ ରେଡ୍ଡୀ, ଛତ୍ରପୁର ଏଡିଜେ କୋର୍ଟରେ ସରକାରୀ ଓକିଲ ଡମିନାଥ ସାହୁଙ୍କ ସମେତ କମିଟିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ପଞ୍ଚାୟତ ସମିତି ବୈଠକ

ଖଜୁରିପଡ଼ା(ଡି.ଏନ୍.ଏ.)/ ବଲସକୁମ୍ପା,୨୭।୧୨

ଖଜୁରିପଡ଼ା ବ୍ଲକ ସଭାଗୃହରେ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ବୀରେନ୍ଦ୍ର କୁମାର କହଁରଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ବ୍ଲକ ପ୍ରଶାସନିକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ନାଥ କହଁର ଅଧକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ଉପସ୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଅନ୍ୟ ଜନପ୍ରତିନିଧିମାନଙ୍କୁ ସାକ୍ଷାତମୂଳକ ପରିଚୟ ପ୍ରଦାନ କରି ନୂତନ ବିଡିଓ କହଁର ସମସ୍ତଙ୍କୁ ସ୍ୱାଗତ ଏବଂ କୃତଜ୍ଞତା ଜଣାଇଥିଲେ। ପରେ ୧୧ ସରକାରୀ ଯୋଜନା ପ୍ରସ୍ତୁତ ହୋଇଥିବା ଏଜେଣ୍ଡାର ବିଭିନ୍ନ ବିକାଶମୂଳକ ଯୋଜନାର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ବିଶେଷକରି ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜାନ, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ଯୋଜନା ଉପରେ ଗୁରୁତ୍ୱ ଦିଆଯାଇ ନିର୍ମାଣାଧୀନ ଆବାସ ଗୃହଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ସମ୍ପ୍ରସାରଣ ମଙ୍ଗଳ ଅଧିକାରୀ ପ୍ରିୟପଦ ନାୟକ ସଭା ପରିଚାଳନା କରିଥିବା ବେଳେ ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସାହୁ, ବିଧାୟକ ପ୍ରତିନିଧି ହେମନ୍ତ କହଁର, ଏମ୍‌ପି ପ୍ରତିନିଧି ପଙ୍କଜ ମଲ୍ଲିକ, ଜିଲା ପରିଷଦ ସଭ୍ୟା ଜୁଲିଲତା ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ୮୮ ହିତାଧିକାରୀଙ୍କୁ ନୂତନ ଭତ୍ତା ଦିଆଯାଇଥିଲା। ଶେଷରେ ବ୍ଲକର ୧୪ ପଞ୍ଚାୟତର ସମସ୍ତ ଗ୍ରାମରେ ସରକାରୀ ଯୋଜନାକୁ ସଠିକ ଭାବେ ସଫଳ କରିବା ପାଇଁ ବିଡିଓ ଅନୁରୋଧ କରିଥିଲେ।

## ୯୫ ଶ୍ରବଣବାଧିତ ପିଲାଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ

ବ୍ରହ୍ମପୁର ଅଫିସ,୨୭।୧୨

ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ରାଷ୍ଟ୍ରୀୟ ବାଲ ସୁରକ୍ଷା କାର୍ଯ୍ୟକ୍ରମ (ଆରବିଏସକେ) ମାଧ୍ୟମରେ ଶ୍ରବଣବାଧିତ ପିଲାଙ୍କୁ ଶୁକ୍ରବାର ଡିଜିଟାଲ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଜନ୍ମପରେ କେତେକ କାରଣରୁ କିଛି ପିଲା ଶ୍ରବଣଶକ୍ତି ହରାଇଥାନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେପରି ଶିଶୁଙ୍କ ପରୀକ୍ଷା କରାଯାଇ ଅତ୍ୟାଧୁନିକ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଉଛି। ୨୦୧୬ ମସିହାରେ ସର୍ବଶିକ୍ଷା ଅଭିଯାନରେ ୧୨୫ ଶ୍ରବଣବାଧିତ ଶିଶୁଙ୍କୁ ମାଗଣା ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଥିଲା। ୨୦୧୭ରେ ୧୧୮, ୨୦୧୮ରେ ୯୫ ଜଣଙ୍କୁ ଏହି ଯନ୍ତ୍ର ପ୍ରଦାନ କରାଯାଇଥିଲା। ସେହିପରି ୨୦୧୯ରେ ଚିହ୍ନଟ ହୋଇଥିବା ଶ୍ରବଣବାଧିତ ପିଲାଙ୍କ ମଧ୍ୟରୁ ଶୁକ୍ରବାର ୯୫ ଶିଶୁଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଥିବା ବେଳେ ୭୨ ଜଣଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ପ୍ରଦାନ କରାଯିବ ବୋଲି ଡା. ପାଣିଗ୍ରାହୀ କହିଥିଲେ। କାର୍ଯ୍ୟକ୍ରମରେ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭି. ସରୋଜିନୀ ଦେବୀ, ଶିଶୁ ରୋଗ ବିଶେଷଜ୍ଞ ଡା. ୟୁ.ଏସ. ମୂର୍ତ୍ତି, ଆଶାର ଆସିଷ୍ଟାଣ୍ଟ ମ୍ୟାନେଜର ଆଶିଷ କୁମାର ମିଶ୍ର, ଜି.କେ.ସି ପାଣିଗ୍ରାହୀ, ଆରବିଏସକେ ମ୍ୟାନେଜର ସନ୍ଦୀପ କୁମାର ତ୍ରିପାଠୀ, ଅଡିଓଲୋଜିଷ୍ଟ ସାଧନ କୁମାର ଦିନ୍ଦ୍ରା ପ୍ରମୁଖ ମଞ୍ଚାସୀନ ଥିଲେ।



ଶ୍ରବଣଯନ୍ତ୍ର ପ୍ରଦାନ କରାଯାଉଛି ।

## ଆନ୍ତଃ ଜିଲା ଭଲିବଲ, ଫୁଟବଲ ଟୁର୍ନାମେଣ୍ଟ

# ଗୁମ୍ମା, ଖୋର୍ଦ୍ଧା ଟିମ୍ ବିଜୟୀ

ଦିଗପହଣ୍ଡି,୨୭।୧୨(ଡି.ଏନ.ଏ.)

ଦିଗପହଣ୍ଡି ଖେମୁଣ୍ଡି ଭଲିବଲ ଓ ଫୁଟବଲ କ୍ଲବ ପକ୍ଷରୁ ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳପଡ଼ିଆରେ ବସନ୍ତ ସ୍ମାରକୀ ଆନ୍ତଃଜିଲା ଭଲିବଲ ଓ ବିକ୍ରମ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟନ ହୋଇଥିଲା। ଏଥିରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, ଗୌତମୀ ସରପଞ୍ଚ ସୁଶାନ୍ତ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଗଜପତି ଜିଲା ଗୁମ୍ମା ଗ୍ରାମର ଭଲିବଲ ଟିମ ପ୍ରତିପକ୍ଷ ଅଡବା ଗ୍ରାମର ଭଲିବଲ ଟିମକୁ ୨–୧ ସେଟରେ ପରାଜିତ କରି ଫାଇନାଲ ମ୍ୟାଚକୁ ଉନ୍ନୀତ ହୋଇଛି। ସେହିପରି ବିକ୍ରମ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲରେ ଖୋର୍ଦ୍ଧା ଆର.ଏମ. ଏକାଡେମୀ ଫୁଟବଲ କ୍ଲବ ପ୍ରତିପକ୍ଷ ଗଜପତି ଜିଲା ଫୁଟ ସୋ କ୍ଲିନ ଫୁଟବଲ କ୍ଲବକୁ ଟାଇ ବେକର ଜରିଆରେ ୪–୩ ଗୋଲରେ ପରାଜିତ କରି ସେମିଫାଇନାଲ ମ୍ୟାଚକୁ ଉନ୍ନୀତ ହୋଇଛନ୍ତି। ମ୍ୟାଚର ନିର୍ଦ୍ଧାରିତ ଶେଷ ସମୟ ସୁଦ୍ଧା ୨ଟି ଯାକ ଟିମ ପରସ୍ପର ବିରୋଧରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିବାରୁ ମ୍ୟାଚ ଅମିମାଂସିତ ରହିଥିଲା। ଶେଷରେ ଟାଇ ବେକର ଜରିଆରେ ଖୋର୍ଦ୍ଧା ଟିମ ଗଜପତି ବିରୋଧରେ ଗୋଟିଏ ଅଧିକା ଗୋଲ କର ବିଜୟୀ ଘୋଷଣା ହୋଇଥିଲା। ପ୍ରଶାନ୍ତ କୁମାର ପାଲ, ରଞ୍ଜିତ କୁମାର ପାତ୍ର, ଅଭିମନ୍ୟୁ ବେହେରା, ସୁଜିତ କୁମାର ପାତ୍ର ରିଫେରୀ ଭାବେ ମ୍ୟାଚ ପରିଚାଳନା କରିଥିଲେ।



ମୁଖ୍ୟ ଅତିଥି ଖେଳାଳିଙ୍କୁ ଭେଟି ଉତ୍ସାହିତ କରୁଛନ୍ତି ।

## ମିରଟର ବୃକ୍ଷପ୍ରେମୀ ସଞ୍ଜୀବ ରସ୍ତୋଗୀ

# ପେସା ଡାକ୍ତର, ନିଶା ଚାରାରୋପଣ

ବ୍ରହ୍ମପୁର ଅଫିସ,୨୭।୧୨

ଉତ୍ତରପ୍ରଦେଶ ମିରଟର ଡା. ସଞ୍ଜୀବ ରସ୍ତୋଗୀ। ପେସାରେ ସେ ଜଣେ ହୋମିଓପାଥି ଡାକ୍ତର। ହେଲେ ନିଶା ଚାରାରୋପଣ କରିବା। ବିଭିନ୍ନ ରାଜ୍ୟ ବୁଲି ଚାରାରୋପଣ କରିବା ସହ ଏହାର ଆବଶ୍ୟକତା ଦିଗରେ ସଚେତନ କରିବାକୁ ସେ ଏକ ଅଭିଯାନ ଆରମ୍ଭ କରିଛନ୍ତି। ଗତ ୧୦ବର୍ଷ ହେଲା ସାରା ଭାରତ ବର୍ଷ ପରିଭ୍ରମଣ କରୁଛନ୍ତି। ବିଭିନ୍ନ ସ୍ଥାନରେ ଚାରା ଲଗାଉଛନ୍ତି। ଏବେ ସୁଦ୍ଧା ୩୦ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କଲେଣି। ଶୁକ୍ରବାର ବ୍ରହ୍ମପୁରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରସ୍ତୋଗୀ ଯୋଗଦେବାକୁ ଆସିଥିବା ବେଳେ ସିଟି ହାଇସ୍କୁଲ ଖେଳପଡିଆ ପରିସରରେ ବିଭିନ୍ନ ଚାରାରୋପଣ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ବର୍ତ୍ତମାନ ଜଙ୍ଗଲକ୍ଷୟ ଯୋଗୁ ପରିବେଶ ସନ୍ତୁଳନ ହ୍ରାସ ପାଇବାରେ ଲାଗିଛି। ଆଗକୁ ମନୁଷ୍ୟ ସମାଜ ପାଇଁ ଏହା ବିପଦ ସୃଷ୍ଟି କରିବ। ଏହି ବିପଦକୁ ଏଡାଇବାକୁ ହେଲେ ପ୍ରତ୍ୟେକ ମନୁଷ୍ୟ ଚାରାରୋପଣ କରିବା ଆବଶ୍ୟକ। ସିଟି ହାଇସ୍କୁଲ ପଡ଼ିଆରେ ଇକୋ କ୍ଲବ, ସଞ୍ଜୀବନୀ, ସବୁଜ ବାହିନୀ ସହଯୋଗରେ ଆୟୋଜିତ ଏହି ଚାରାରୋପଣ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡା. ରସ୍ତୋଗୀଙ୍କ ସ୍ତ୍ରୀ ସୁରଭୀଙ୍କ ସମେତ ଇକୋ କ୍ଲବର ଜିଲା ସଂଯୋଜକ ଶଙ୍କର ନାରାୟଣ ବେଜ, ଫୋରମ ଫର ଗଞ୍ଜାମର ସଂଯୋଜକ ସୁଧୀର କୁମାର ରାଉତ, ଶିକ୍ଷାବିତ ଶ୍ୟାମସୁନ୍ଦର ଖାଡଙ୍ଗା, ସିଟି ହାଇସ୍କୁଲ ଏନ୍‌ସିସି ଅଫିସର ଗୋପାଳକୃଷ୍ଣ ମିଶ୍ର, ବିଜୁ ପଟ୍ଟନାୟକ ହୋମିଓପାଥି ମହାବିଦ୍ୟାଳୟ ଓ ଚିକିତ୍ସାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ଡା. ଅଭିନ୍ନ ପ୍ରସାଦ ଷଡ଼ଙ୍ଗୀ, ଦିଲ୍ଲୀର ହୋମିଓପାଥି ଡାକ୍ତର ସରନ୍‌ଜିତ୍ କୌର, ହାଇଦ୍ରାବାଦର ଡା. ଶ୍ରୀନିବାସ, ସିଟି ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳିଚରଣ ପ୍ରଧାନ, ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଦିଲୀପ କୁମାର ପ୍ରମୁଖ ଉପସ୍ଥିତ ଥିଲେ।





ଚାରାରୋପଣ କାର୍ଯ୍ୟକ୍ରମରେ ଡା.ସଞ୍ଜୀବ ରସ୍ତୋଗୀ, ଡିଏଫଓ ଓ ଅନ୍ୟମାନେ।

**ଗଛ ଲଗାଇ ସହରବାସୀଙ୍କୁ କଲେ ସଚେତନ**

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶନିବାର, ଡିସେମ୍ବର ୨୮/୨୦୧୯ Berhampur, Saturday, December 28/2019


# କୀଟନାଶକ ଗନ୍ଧରେ ୨ ଭଉଣୀଙ୍କ ମୃତ୍ୟୁ

■ ଅନ୍ୟଜଣେ ଗୁରୁତର

■ ଚାଉଳବସ୍ତାରେ ପୋକ ନ ଲାଗିବାକୁ ପକାଯାଇଥିଲା କୀଟନାଶକ

**ଦିଗପହଣ୍ଡି,୨୭।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ଗ୍ରାମ ତଳସାହିରେ ରହୁଥିବା ମୋହନ ରେଡ୍ଡୀଙ୍କ ୨ ନାତୁଣୀ ଟିଙ୍କିନା (୬) ଓ ସୋମା(୯)ଙ୍କର ଶୁକ୍ରବାର କୀଟନାଶକ ଗନ୍ଧରେ ମୃତ୍ୟୁ ଘଟିଛି। ଅନ୍ୟଜଣେ ନାତୁଣୀ ବର୍ଷା (୧୨) ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ୩ଜଣ ଅଜାଘରେ ରହି ପାଠ ପଢୁଥିଲେ।

ପ୍ରକାଶ ଯେ, ଗୁରୁବାର ଧାନ ମିଲିଂକରି ଚାଉଳ ବସ୍ତା ଘରେ ରଖାଯାଇଥିଲା। ପୋକ ନ ଲାଗିବାକୁ ଚାଉଳ ବସ୍ତାରେ କୀଟନାଶକ ସିଞ୍ଚନ କରାଯାଇଥିଲା। ଶୀତ ହେଉଥିବାରୁ ୩ ଭଉଣୀ ଟିଙ୍କିନା, ସୋମା, ବର୍ଷା ରାତିରେ କବାଟ ଝରକା ବନ୍ଦକରି ଉକ୍ତଘରେ ଶୋଇଥିଲେ। କୀଟନାଶକ ଗନ୍ଧରେ ସମସ୍ତେ ଅଚେତ ହୋଇପଡିଥିଲେ। ସକାଳ ପ୍ରାୟ ୮ ଟାରେ ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ଗାଁରେ ଥିବା ଏକ କ୍ଲିନିକ୍‌କୁ ନେଇଥିଲେ। ସେଠାରେ ସୋମା ଓ ବର୍ଷା ସାମାନ୍ୟ ସୁସ୍ଥ ହୋଇଥିଲେ। ଟିଙ୍କିନାଙ୍କ ଅବସ୍ଥା ଗୁରୁତର ଥିଲା। ବ୍ରହ୍ମପୁର ବଡ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ନିଜଘର ମାଟିଆ ବୋରେଇରେ ଟିଙ୍କିନାଙ୍କ ମୃତଦେହ ସଂସ୍କାର କରାଯାଇଥିଲା। ଅପରାହ୍ନ ପ୍ରାୟ ୪ଟାରେ ପରିବାର ଲୋକେ ଫେରିବାବେଳେ ଟିଙ୍କିନାଙ୍କ ମାଉସୀ ଝିଅ ଭଉଣୀ ସୋମାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ବର୍ଷାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଘରେ ଥିବା ଚାଉଳ ବସ୍ତା କାଢିବାକୁ ଯାଇଥିବା ପଡୋଶୀ ଉଆଳୀ ଗୌଡ ଏବଂ କୈଳାସ ଗୌଡ ମଧ୍ୟ ଅସୁସ୍ଥ ହୋଇ ପଡ଼ିଥିଲେ। ଉଭୟ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହୋଇ ସନ୍ଧ୍ୟାରେ ଘରକୁ ଫେରିଛନ୍ତି। ମୋହନ ଘରେ ତାଲା ପକାଇ ଝିଅଘର ମାଟିଆ ବୋରେଇକୁ ସପରିବାର ଚାଲିଯାଇଛନ୍ତି। ଘଟଣାକୁ ନେଇ ଗାଁରେ ନାନା କଥା ଆଲୋଚନା ହେଉଛି। କୀଟନାଶକ ଗନ୍ଧରେ ପଡୋଶୀ ଆକ୍ରାନ୍ତ ହେବା ଆଶଙ୍କା ଥିବାରୁ ଅଗ୍ନିଶମ ବାହିନୀ ଓ ପୋଲିସ ଏହାକୁ ନିୟନ୍ତ୍ରଣ କରିବାକୁ ପୂର୍ବତନ ସରପଞ୍ଚ ସଞ୍ଜୀବ ରେଡ୍ଡୀ ଦାବି କରିଛନ୍ତି।

# ଶିକାରୀଙ୍କ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନାବାଳକ ଗୁରୁତର

**ଚିକିଟି,୨୭।୧୨(ଡି.ଏନ.ଏ.)**

ବନ୍ୟଜନ୍ତୁ ଶିକାର ପାଇଁ ଚିକିଟି ବ୍ଲକ କେ.ନୂଆଗାଁ ଗ୍ରାମ ନିକଟ ଜମିରେ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁବାର ରାତି ୯ଟାରେ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସେ ହେଲେ କେ.ନୂଆଗାଁର କେ.ଗିରିଶ (୧୨)।

ପ୍ରକାଶ ଯେ, ଗତ ସନ୍ଧ୍ୟାରେ ମାମୁ କେ.ପିଣ୍ଟୁଙ୍କ ସହିତ ଗିରିଶ ନିକଟସ୍ଥ ବାହୁଦା ଡ୍ୟାମକୁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ଜମିରେ ବିଛାଯାଇଥିବା ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ତାଙ୍କ ଶରୀରର ୭୦ଭାଗ ପୋଡିଯାଇଥିଲା। ପାଟି ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଶୁକ୍ରବାର ସକାଳେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏଯାଏ ଜମିରେ ତାର ପଡ଼ି ରହିଛି, କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ଜନସାଧାରଣଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ଚିକିଟି ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ମଲ୍ଲିକ୍‌ଙ୍କ ସହ ଯୋଗାଯୋଗ ବେଳେ କେହି ଦୁର୍ବୃତ୍ତ ଏହା କରିଛନ୍ତି। ଏ ନେଇ କେ.ନୂଆଗାଁ ଥାନାରେ ଏତଲା ଦିଆଯାଇଥିବା କହିଥିଲେ।

# ନକଲି ପୋଲିସ ଗିରଫ:୨ ବାଇକ୍, ମୋବାଇଲ ଜବତ



**ଫିରିଙ୍ଗିଆ/କ.ନୂଆଗାଁ, ୨୭।୧୨(ଡି.ଏନ୍.ଏ.)**

କନ୍ଧମାଳ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ପୋଲିସର ପରିଚୟ ଦେଇ ଲୁଟ୍ କରୁଥିବା ଅଭିଯୋଗରେ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଫିରିଙ୍ଗିଆ ଥାନା ଡାଙ୍ଗିଡିକିଆ ଗ୍ରାମର ଦୁଃଖିଶ୍ୟାମ ଦିଗାଲ (୨୫)। ତାଙ୍କଠାରୁ ୨ ବାଇକ୍, ଗୋଟିଏ ମୋବାଇଲ୍, ୪ ସିମ୍, ପୋଲିସ ଡ୍ରେସ୍ ଜବତ ହୋଇଛି।

ପ୍ରକାଶ ଯେ, ଅଭିଯୁକ୍ତ ଜଣକ ନିଜକୁ ପୋଲିସ ପରିଚୟ ଦେଇ ଚାନ୍ଦା ଆଦାୟ କରିବା, ବାଇକ୍ ଚୋରି ଭଳି ଅନେକ ଅପରାଧ କରୁଥିଲେ। ଏଥିସହ କ.ନୂଆଗାଁ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଚନ ଦେଖାଇ ଅପହରଣ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଗୋଚ୍ଛାପଡ଼ା ଥାନାରେ ନଂ. ୮୭/୧୯ ଓ କ.ନୂଆଗାଁ ଥାନାରେ ୭୩, ୭୬/୧୯ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଶ୍ରୀନିବାସ ସାମଲ କହିଛନ୍ତି।

■ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

# ଗଞ୍ଜାମକୁ ମିଳିଲା ୫ ପଦକ



ଜିଲାପାଳଙ୍କ ସହ କୃତୀ ପ୍ରତିଯୋଗୀ ଓ ସଂଘର କର୍ମକର୍ତ୍ତା ।

**ଛତ୍ରପୁର,୨୭।୧୨(ଡି.ଏନ.ଏ.)**

କୋଲକତାର ଗିରିଶ ପାର୍କଠାରେ ହୋଇଥିବା ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଗଞ୍ଜାମ ଜିଲାରୁ ୮ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ପଦକ ମିଳିଛି । ସି.ଏଚ୍. ଇନ୍ଦୁପ୍ରଭା, ପୀୟୂଷ ପ୍ରସାଦ ଷଡଙ୍ଗୀ ଓ ଅମିତ ପ୍ରସାଦ ଗୌଡ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ପ୍ରେମପ୍ରସାଦ ପଲେଇ ରୌପ୍ୟ ଏବଂ ରୁନସି ବେହେରା କାଂସ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ବିକାଶ ଗୌଡ, ପି ଅଭିମନ୍ୟୁ ରେଡ୍ଡୀ, ପପୁନା ଦାସ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ । ଗଞ୍ଜାମ ଜିଲା ଟାଏକୋଣ୍ଡୋ ଆସୋସିଏଶନର ସମ୍ପାଦକ ତଥା ଆନ୍ତର୍ଜାତୀୟ କୋଚ୍ କେ. ମନୋଜ ପ୍ରଧାନ, ଜାତୀୟ ରେଫରୀ ବସୁ ନାୟକ ଓ କୋଚ୍ ଇ. ଲଳିତ କୁମାରଙ୍କ ନେତୃତ୍ୱରେ ଶୁକ୍ରବାର କୃତୀ ପ୍ରତିଯୋଗୀମାନେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏଙ୍କୁ ଭେଟିଥିଲେ । ଜିଲାପାଳ ଓ ଏସପି ସେମାନଙ୍କୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ଟାଇକୋଣ୍ଡୋ ଆସୋସିଏଶନର ସଭାପତି ଶ୍ରୀକାନ୍ତ ମହାନ୍ତି, ଡ.ଅନୀତା ମିଶ୍ର, ସିଏଚ୍ ପ୍ରସାଦ ନାୟକ, ଜନୋଜ କୁମାର ମହାରଣା ଓ ଅମ୍ବିକା ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବେପରୁଆ ଗାଡ଼ି ଚାଳକଙ୍କୁ ଜଗିବ ସ୍ପିଡ୍ ହଣ୍ଟର କ୍ୟାମେରା



ସ୍ପିଡ୍ ହଣ୍ଟର କ୍ୟାମେରା ଶୁଭାରମ୍ଭ କରାଯାଉଛି।

**ଛତ୍ରପୁର,୨୭।୧୨(ଡି.ଏନ.ଏ)**

ଗଞ୍ଜାମ ଜିଲାରେ ଦ୍ରୁତଗତିରେ ଗାଡ଼ି ଚଳାଉଥିବା ଚାଳକଙ୍କୁ ଚିହ୍ନଟ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଆରମ୍ଭ ହୋଇଛି। ଏଥିପାଇଁ ସ୍ପିଡ୍ ହଣ୍ଟର ୨ ପ୍ଲସ୍ କ୍ୟାମେରା ଜିଲାକୁ ଆସିଛି। ଶୁକ୍ରବାର ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଏହାର ଶୁଭାରମ୍ଭ କରିଛନ୍ତି। ଅଧିକ କ୍ଷମତାପୂର୍ଣ୍ଣ ଏହି କ୍ୟାମେରା ଷ୍ଟିଲ୍ ଫଟୋ ଉତ୍ତୋଳନ ସହ ଭିଡିଓ ରେକର୍ଡିଂ କରିବ । କ୍ୟାମେରା ଫୁଟେଜ୍ ଓ ଫଟୋକୁ ଆଧାର କରି ଦ୍ରୁତଗତିରେ ଓ ବେପାରୁଆ ଭାବେ ଗାଡି ଚଳାଉଥିବା ଚାଳକ ଓ ଗାଡିକୁ ଚିହ୍ନଟ କରାଯିବ । ଏହାଫଳରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସୁବିଧା ହେବ ବୋଲି କୁହାଯାଇଛି । ଏହି କ୍ୟାମେରା ଦିନ ବେଳା ୩୦୦ ମିଟର ଓ ରାତିରେ ୧୨୦ ମିଟର ଦୂରତା ପର୍ଯ୍ୟନ୍ତ ଗାଡିର ନମ୍ବର ଓ ଚାଳକ ଫଟୋ ଉତ୍ତୋଳନ ସହ ରେକର୍ଡିଂ କରିବାର କ୍ଷମତା ରଖିଥିବା ସୂଚନା ଦିଆଯାଇଛି। ଏଥିସହ ଉକ୍ତ କ୍ୟାମେରାର ଡାଟା ଅପଲୋଡ୍ ୪ଜି ସିମ୍ ଜରିଆରେ ହେବ। ଏହାପରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ଇ-ଚାଲାଣ କଟାଯିବ। କ୍ୟାମେରା ଶୁଭାରମ୍ଭ ବେଳେ ଗଞ୍ଜାମ ଆରଟିଓ ସଞ୍ଜୟ ବିଶ୍ୱାଳ, ଡିଏସପି ଉତ୍କଳ କେଶରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।






■ ବିଦ୍ୟାଳୟରୁ ପଙ୍ଖା ଚୋରି ଅଭିଯୋଗ

# ଚୋରଙ୍କୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ

**ପାଟପୁର,୨୭।୧୨**

ପାଟପୁର ଥାନା ଖଲିଙ୍ଗି ଗ୍ରାମରେ ଶୁକ୍ରବାର ବିଦ୍ୟାଳୟରୁ ପଙ୍ଖା ଚୋରି ଅଭିଯୋଗରେ ଗ୍ରାମବାସୀ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଖଲିଙ୍ଗିରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ଟି ଶ୍ରେଣୀ ଗୃହରୁ ଗୁରୁବାର ରାତିରେ ଚୋର ଦୁଇଟି ପଙ୍ଖା ଚୋରି କରି ନେଇଯାଇଥିଲେ। ସକାଳେ ଶିକ୍ଷୟିତ୍ରୀ ଓ ଶିକ୍ଷକ ବିଦ୍ୟାଳୟ ଆସି ଦେଖିଲା ବେଳକୁ ତାଲା ଭାଙ୍ଗି ଏଣେତେଣେ ପଡିଥିବା ବେଳେ ଶ୍ରେଣୀ ଗୃହରେ ପଙ୍ଖା ନ ଥିବା ଜଣାପଡିଥିଲା। ଏ ନେଇ ବିଦ୍ୟାଳୟ ପକ୍ଷରୁ ପାଟପୁର ଥାନାରେ ଏତଲା ଦେଇଥିଲେ। ପରେ ଅଭିଯୁକ୍ତ ପଙ୍ଖାକୁ ଗ୍ରାମର ଜଣେ ବ୍ୟକ୍ତିକୁ ୧୦୦ ଟଙ୍କାରେ ବିକିଥିବା ଜାଣି ତାଙ୍କୁ କାବୁ କରି ଗ୍ରାମବାସୀ ପାଟପୁର ପୋଲିସକୁ ହସ୍ତାନ୍ତର କରିଛନ୍ତି।

# ବିଲରୁ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ପାଟପୁର,୨୭।୧୨**

ପାଟପୁର ପୋଲିସ ସାନଖେମୁଣ୍ଡି ବ୍ଲକ ଏସ୍.ଗୋପାଳପୁର ପଞ୍ଚାୟତ ପୁରୁଣାଗଡ଼ ଗ୍ରାମ ନିକଟ ବିଲରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ସୁନାରୀପଲ୍ଲିର ସୁକୁରୁ ଗୌଡ଼। ଏ ନେଇ ପୋଲିସ ନଂ.୨୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ସୂଚନାଯୋଗ୍ୟ, ଗତ ଗୁରୁବାର ସୁକୁରୁ ଗ୍ରାମରେ ବୁଲୁଥିଲେ। କିନ୍ତୁ ରାତିରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ଖବର ପାଇ ନ ଥିଲେ। ମଧ୍ୟାହ୍ନରେ ପୁରୁଣାଗଡ଼ର କିଛି ଲୋକ ବିଲକୁ କାମ କରିବା ପାଇଁ ଯାଇଥିଲେ। ସେଠାରେ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରିବାର ଲୋକେ ମୃତକଙ୍କୁ ଚିହ୍ନଟ କରିବା ସହ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ